**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**22 November – 2025**

# ଛାତ୍ରବୃତ୍ତି

ଅନୁସୂଚୀତ ଜାତି, ଜନଜାତି ଏବଂ ପଛୁଆବର୍ଗର ଛାତ୍ରଛାତ୍ରୀଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ପ୍ରାକ୍ ମେଟ୍ରିକ୍ ଏବଂ ମେଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ହାର ବୃଦ୍ଧି କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ବର୍ଗର ଛାତ୍ରମାନଙ୍କର ବୃତ୍ତି ରାଶିକୁ ୧୦ ହଜାର ୫୦୦ ଟଙ୍କାରୁ ୧୬ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଛାତ୍ରୀମାନଙ୍କର ବୃତ୍ତି ରାଶିକୁ ୧୧ ହଜାର ଟଙ୍କାରୁ ୧୭ ହଜାର ଟଙ୍କାକୁ ବୃଦ୍ଧି କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ୧୦ ମାସ ପାଇଁ ଏହି ବୃତ୍ତି ରାଶି ଦିଆଯିବ । ଶିଶୁବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ହଷ୍ଟେଲ୍‌ରେ ରହୁଥିବା ଏହି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ବୃତ୍ତି ରାଶି ମିଳିବ । ଅନ୍ୱେଷା ଛାତ୍ରାବାସରେ ପାଠପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରାକ୍ ମେଟ୍ରିକ୍ ବୃତ୍ତି ବାବଦକୁ ୧୭ ହଜାର ଟଙ୍କା ପ୍ରଦାନ କରାଯିବ ।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି **ଭଦ୍ରକ** ଜିଲ୍ଲା ଧାମନଗର ଗସ୍ତରେ ଯାଇ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୨୨ଟି ପ୍ରକଳ୍ପର ଶିଳାନ୍ୟାସ

କରିବେ । ଏହିଅବସରରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଏକତା ପଦଯାତ୍ରାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ।

# ସ୍ୱାସ୍ଥ୍ୟମନ୍ତ୍ରୀ

ପୁରୁଷ ବନ୍ଧ୍ୟାକରଣରେ କୌଣସି ପୁରୁଷର ପୁରୁଷତ୍ୱ ନଷ୍ଟ ହୁଏନାହିଁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଭୁବନେଶ୍ୱରଠାରେ ଗତକାଲି ପୁରୁଷ ବନ୍ଧ୍ୟାକରଣ ପକ୍ଷ-୨୦୨୫ ପାଳନ ଅବସରରେ ଯୋଗଦେଇ ଶ୍ରୀ ମହାଲିଙ୍ଗ କହିଛନ୍ତି, ଆଶାଦିଦି ଓ ସ୍ୱାସ୍ଥ୍ୟବିଭାଗ କର୍ମଚାରୀମାନଙ୍କର ପୁରୁଷ ବନ୍ଧ୍ୟାକରଣ କ୍ଷେତ୍ରରେ ବଡ଼ଧରଣର ଅବଦାନ ରହିଛି । କୋରାପୁଟ, ରାୟଗଡ଼ା, ମାଲକାନଗିରି, ସୁନ୍ଦରଗଡ଼ ଓ କନ୍ଧମାଳ ଭଳି ଜନଜାତି ବହୁଳ ଜିଲ୍ଲାଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହ ଆଗାମୀ ଦିନରେ ରାଜ୍ୟରେ ପୁରୁଷ ବନ୍ଧ୍ୟାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ପରାମର୍ଶ ଦେଇଛନ୍ତି ।

# ପ୍ରକଳ୍ପ-ଉପମୁଖ୍ୟମନ୍ତ୍ରୀ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରାୟ ୬ କୋଟି ୩୦ଲକ୍ଷ ଟଙ୍କା ବ୍ୟୟରେ କୋଣାର୍କ ସୂର୍ଯ୍ୟମନ୍ଦିର ଲାଇଟ୍ ଏବଂ ସାଉଣ୍ଡ୍ ଶୋ' ଆଧୁନିକୀକରଣ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇ ୩୦୦ ଜଣ ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ଆସନ ବ୍ୟବସ୍ଥା

କରାଯାଇଛି । ଏହି ଶୋ' ମାଧ୍ୟମରେ କୋଣାର୍କର ଇତିହାସ ଓ ଗାଥାକୁ ଆଲୋକ ଓ ଧ୍ୱନିରେ ପରିବେଷଣ କରିବା ପାଇଁ ପଦକ୍ଷେପ ନିଆଯାଇଛି ।

## କୋଣାର୍କ ଉତ୍ସବ

ଆସନ୍ତା ଡିସେମ୍ବର ମାସ ପହିଲାରୁ ୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କ ସୂର୍ଯ୍ୟମନ୍ଦିର ନିକଟ ମୁକ୍ତାକାଶ ରଙ୍ଗମଞ୍ଚରେ ୩୬ତମ କୋଣାର୍କ ଉତ୍ସବ ୨୦୨୫ ଆରମ୍ଭ ହେବ । ଉତ୍ସବକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଗତକାଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।

## ଧାନ ସଂଗ୍ରହ

ଚଳିତ ଖରିଫ୍ ବର୍ଷ ପାଇଁ ଭଦ୍ରକ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପରିଷଦ କାର୍ଯ୍ୟାଳୟଠାରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ୪ଟି ପୌରାଞ୍ଚଳ ଏବଂ ୭ଟି ବ୍ଲକରେ ୯୬ ହଜାର ୨୨୨ ଜଣ ଚାଷୀ ଚଳିତ ବର୍ଷ ଖରିଫ୍ ଧାନ ବିକିବା ପାଇଁ ପଞ୍ଜୀକରଣ କରିଛନ୍ତି । ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ଅନୁସାରେ ପ୍ରଥମ ପର୍ଯ୍ୟାୟରେ ୧୩ଲକ୍ଷ ୩୦ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

ବୈଠକରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ ।

## ବୈଠକ

ଢେଙ୍କାନାଳ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ପରିଷଦର ଦଶମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲପରିଷଦ ଅଧ୍ୟକ୍ଷା ଅର୍ଚନା ପୁହାଣ ଅଧ୍ୟକ୍ଷତା କରି ଜିଲ୍ଲାର ବିକାଶମୂଳକ କାର୍ଯ୍ୟରେ ଅଧିକାରୀମାନେ ପରିଷଦର ସଦସ୍ୟମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ ।

## ଲକ୍ଷ୍ମଣ ନାୟକ  ଜୟନ୍ତୀ

ମହାନ ବିପ୍ଳବୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଆଜି  ପାଳନ କରାଯାଉଛି । ବିଧାନସଭା ପରିସରରେ ଥିବା ଶହୀଦ ଲକ୍ଷ୍ମଣନାୟକଙ୍କ ପ୍ରତିମୂର୍ତ୍ତିରେ ଆଜି ପୂର୍ବାହ୍ନରେ ବାଚସ୍ପତି ସୁରମା ପାଢ଼ୀ ମାଲ୍ୟାର୍ପଣ କରିବାର କାର୍ଯ୍ୟସୂଚୀ ରହିଛି । ଭୁବନେଶ୍ୱର ଜୟଦେବ ଭବନରେ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅବିଭକ୍ତ କୋରାପୁଟ ଜିଲ୍ଲାର ସାଂସଦ ଓ ବିଧାୟକମାନେ ଯୋଗଦେବେ । ଶହୀଦ ଲକ୍ଷ୍ମଣ ନାୟକ ଅବିଭକ୍ତ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ତେନ୍ତୁଳିଗୁମ୍ମା ଗ୍ରାମରେ ୧୮୯୯ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ଡାକରାରେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ତାଙ୍କର ଅଞ୍ଚଳରେ

ଲୋକମାନଙ୍କୁ ସ୍ୱାଧୀନତାର ଚିନ୍ତାଧାରାରେ ପ୍ରେରିତ ହେବା ସହିତ ନିର୍ଭୀକ ହେବା ପାଇଁ ପ୍ରବର୍ତ୍ତାଉଥିଲେ । ଅହିଂସା ମାର୍ଗରେ ପରିଚାଳିତ ହେବା ଏବଂ ମଦ୍ୟପାନ ତ୍ୟାଗ କରି ଏକ ଶୃଙ୍ଖଳିତ ଜୀବନଯାପନ କରିବାର ବାର୍ତ୍ତା ପ୍ରଚାର କରୁଥିବାରୁ ତାଙ୍କୁ ମାଲକାନଗିରିର ଗାନ୍ଧୀ ବୋଲି କୁହାଯାଉଥିଲା ।

## ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ ମଲାକ୍କା ସମୁଦ୍ର ସନ୍ଧିର ମଧ୍ୟ ଅଂଶରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ପରବର୍ତ୍ତୀ ସମୟରେ ଏହା ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗକୁ ଗତିକରି ସୋମବାର ଆଡ଼କୁ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଅବପାତର ରୂପ ନେବାର ସମ୍ଭାବନା ଅଛି । ପାଣିପାଗ ବିଶେଷଜ୍ଞମାନଙ୍କ ଆକଳନ ଅନୁସାରେ, ଆସନ୍ତା ବୁଧବାର ଆଡ଼କୁ ଏହା ଅଧିକ ଘନୀଭୂତ ହୋଇ ୨୮ତାରିଖ ବେଳକୁ ବାତ୍ୟାର ରୂପ ନେଇପାରେ । ଓଡ଼ିଶା-ଆନ୍ଧ୍ର ଉପକୂଳ ଦିଗରେ ବାତ୍ୟା ଗତି କରିବାର ସମ୍ଭାବନା ନେଇ ଆକଳନ କରାଯାଇଥିଲେ ମଧ୍ୟ ଏହା ସ୍ଥଳଭାଗ ଛୁଇଁବା ନେଇ କୌଣସି ସଠିକ୍ ଆକଳନ କରାଯାଇ ପାରିନାହିଁ ।